# NATIONAL NEWS BULLETIN (ODIA)
## 14 June - 2025
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଭାରତୀୟ ବିମାନ ସେବା କ୍ଷେତ୍ରରେ ସାମିଲ ଥିବା ୮ଟି ୭୮୭ ବୋଇଂ ବିମାନର ତୁରନ୍ତ ଯାଞ୍ଚ ସରିଛି, ସୂଚନା ଦେଲେ ବେସାମରିକ ବିମାନ ଚଳାଚଳମନ୍ତ୍ରୀ ।

– ଡି.ଏନ୍.ଏ. ପରୀକ୍ଷା ଆଧାରରେ ଚିହ୍ନଟ ହେଲା ୯ଟି ମୃତ ଶରୀର ।

- ମହାରାଷ୍ଟ୍ରରେ କ୍ୟାମ୍ପସ୍ ପ୍ରତିଷ୍ଠା ନେଇ ୫ଟି ବିଦେଶୀ ବିଶ୍ୱବିଦ୍ୟାଳୟକୁ ଏଲ୍.ଓ.ଆଇ. ପ୍ରଦାନ କଲେ ଶିକ୍ଷା ମନ୍ତ୍ରୀ ।

- ନିଟ୍ (ୟୁଜି) ୨୦୨୫ ପରୀକ୍ଷା ଫଳ ଘୋଷିତ ।

ଏବଂ

- ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍ ୨୦୨୫ ଟାଇଟଲ୍ ହାସଲ କଲା ଦକ୍ଷିଣ ଆଫ୍ରିକା ।

# ନାଇଡୁ-ଅହମ୍ମଦାବାଦ ପ୍ଲେନ୍ କ୍ରାସ୍

ଭାରତୀୟ ବିମାନ ସେବା କ୍ଷେତ୍ରରେ ସାମିଲ ଥିବା ୩୪ଟି ବୋଇଂ ୭୮୭ ବିମାନର ବିସ୍ତୃତ ତଦାରଖ ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି । ନୂଆଦିଲ୍ଲୀ ଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଇତିମଧ୍ୟରେ ୮ଟିର ତୁରନ୍ତ ଜରୁରୀକାଳୀନ ଯାଞ୍ଚ୍ କରାଯାଇ ସାରିଛି । ଯାଞ୍ଚ୍ ପାଇଁ ସ୍ୱରାଷ୍ଟ୍ର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ସେ କହିଛନ୍ତି । ଦୁର୍ଘଟଣା ପରେ ତୁରନ୍ତ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ସେଠାରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ । ଏହି ବ୍ୟୁରୋ ବିମାନର ବ୍ଲାକ୍ ବକ୍ସକୁ ଉଦ୍ଧାର କରିଛି । ଦୁର୍ଘଟଣା ସ୍ଥଳରେ ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୃତ ଦେହ ଗୁଡ଼ିକୁ ହସ୍ପିଟାଲ୍‌କୁ ପଠାଯିବା ସହ ଡି.ଏନ୍.ଏ. ପରୀକ୍ଷା ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି ।

ଅନ୍ୟ ପକ୍ଷରେ ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ରିଷିକେଶ ପଟେଲ୍ ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲ୍‌ରେ ପରିସ୍ଥିତିର ସମୀକ୍ଷା କରିଛନ୍ତି । ମୃତ ଦେହ ଗୁଡ଼ିକୁ ରଖାଯାଇଥିବା ସ୍ଥାନ ପରିଦର୍ଶନ କରିବା ସହ ଡି.ଏନ୍.ଏ. ପରୀକ୍ଷା ସମ୍ପର୍କରେ ପଚାରି ବୁଝିଛନ୍ତି । ଡି.ଏନ୍.ଏ. ପରୀକ୍ଷା ରିପୋର୍ଟ୍ ଆଧାରରେ ୯ଟି ମୃତ ଶରୀରକୁ ଇତିମଧ୍ୟରେ ଚିହ୍ନଟ କରାଯାଇଛି ।

ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲ୍‌ର ଉପ-ଅଧିକ୍ଷକ ରଜିନିସ୍ ପଟେଲ୍ ଗଣମାଧ୍ୟମକୁ କହିଛନ୍ତି, ଏହି ଚିହ୍ନିତ ମୃତ ଦେହ ଗୁଡ଼ିକୁ ସେମାନଙ୍କର ପରିବାର ସଦସ୍ୟଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ହସ୍ପିଟାଲ୍‌ରେ ୮ ଜଣ ଆହତଙ୍କର ଚିକିତ୍ସା ଚାଲିଛି ଏବଂ ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବା ସେ ସୂଚନା ଦେଇଛନ୍ତି । ବି.ଜେ. ମେଡିକାଲ୍ କଲେଜ୍ କର୍ତ୍ତୃପକ୍ଷ ଦୁର୍ଘଟଣା ସ୍ଥଳ ନିକଟରେ ଥିବା ହଷ୍ଟେଲ୍ ଗୁଡ଼ିକୁ  ତୁରନ୍ତ ଖାଲି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଅଗ୍ନିସମ ଦଳ ଆଜି ଦୁର୍ଘଟଣା ସ୍ଥଳରୁ ଆଉ ଏକ ମୃତ ଦେହ ଉଦ୍ଧାର କରିଛନ୍ତି । ଏହା ଜଣେ ବିମାନ ପରିଚାରିକାଙ୍କ ବୋଲି ସନ୍ଦେହ କରାଯାଉଛି । ଏହି ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କୁ ମିଶାଇ ଡାକ୍ତରୀ ଛାତ୍ର ଓ ସ୍ଥାନୀୟ ବାସିନ୍ଦାଙ୍କ ସମେତ ୨୫୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ହର୍ଷ ସାଙ୍ଘଭି ଆଜି ପୂର୍ବାହ୍ନରେ ଗାନ୍ଧିନଗର ସ୍ଥିତ ଏଫ୍.ଏସ୍.ଏଲ୍. ଏବଂ ଏନ୍.ଏଫ୍.ଏସ୍.ୟୁ. ପରିଦର୍ଶନ କରିବା ସହ ଡି.ଏନ୍.ଏ. ପରୀକ୍ଷା ପ୍ରକ୍ରିୟାର ସମୀକ୍ଷା କରିଛନ୍ତି । ୩୬ ଜଣ ଫୋରେନ୍‌ସିକ୍ ବିଶେଷଜ୍ଞଙ୍କୁ ଡି.ଏନ୍.ଏ. ପରୀକ୍ଷଣ ପାଇଁ ନିୟୋଜିତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏହି ବିଶେଷଜ୍ଞ ଦଳକୁ ସହାୟତା କରିବା ପାଇଁ କେନ୍ଦ୍ରରୁ ମଧ୍ୟ ଆବଶ୍ୟକ ସହଯୋଗ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସାଙ୍ଘଭି କହିଛନ୍ତି ।

# ମୁମ୍ବାଇ-ପ୍ରଧାନ

ଭାରତକୁ ଜ୍ଞାନର ଏକ ଅଂଶିଦାର ଭାବେ ସମଗ୍ର ବିଶ୍ୱ ଏବେ ମାନ୍ୟତା ପ୍ରଦାନ କରୁଛି ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ମୁମ୍ବାଇ ଠାରେ ଅନୁଷ୍ଠିତ ମହାରାଷ୍ଟ୍ରରେ କ୍ୟାମ୍ପସ୍ ପ୍ରତିଷ୍ଠା ସଂକ୍ରାନ୍ତ ୫ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଇଣ୍ଟେଟ୍ ଅଫ୍ ଲେଟର୍ – ଏଲ୍.ଓ.ଆଇ. ପ୍ରଦାନ ସମାରୋହକୁ ସମ୍ବୋଧନ କରି ସେ ଏହା କହିଛନ୍ତି । ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଏହି ପ୍ରତିଷ୍ଠାନ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଉଦ୍ୟୋଗ ଏବଂ ଶିକ୍ଷା କ୍ଷେତ୍ରରେ ମହାରାଷ୍ଟ୍ରର ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ରହି ଆସିଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଇଂଲଣ୍ଡର ଆବେର୍ଦ୍ଦିନ ବିଶ୍ୱବିଦ୍ୟାଳୟ ଏବଂ ୟର୍କ ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରେଲିଆର ପଶ୍ଚିମ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ, ଆମେରିକାର ଇଲିନୋଇସ୍ ଟେକ୍ ଏବଂ ଇଟାଲୀର ଆଇ.ଇ.ଡି. ସ୍କୁଲ୍ ଅଫ୍ ଡିଜାଇନ୍‌କୁ ଏହି ଏଲ୍.ଓ.ଆଇ. ପ୍ରଦାନ କରାଯାଇଛି ।

# ଆଇଏମ୍ଏ ଡେରାଡୁନ୍

ଭାରତୀୟ ସେନାରେ ଆଜି ୪୧୯ ଜଣ ନୂତନ ଯୁବ-ଅଧିକାରୀ ସାମିଲ ହୋଇଛନ୍ତି । ଉତ୍ତରାଖଣ୍ଡ ଡେରାଡୁନ୍ ସ୍ଥିତ ଭାରତୀୟ ସେନା

ଏକାଡେମୀ ଠାରେ ଏଥିପାଇଁ ଏକ ଚିତାକର୍ଷକ ପାସିଂଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଥିଲା । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ଚଳିତଥର ୪୫୧ ଜଣ ଯୁବ ଅଧିକାରୀ ପାସିଂଆଉଟ୍ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବିଦେଶୀ ରାଷ୍ଟ୍ରର ୩୨ ଜଣ କ୍ୟାଡେଟ୍ ଅନ୍ତର୍ଭୁକ୍ତ ।

ଏହି ବିଦେଶୀ କ୍ୟାଡେଟ୍‌ମାନେ ସେମାନଙ୍କର ତାଲିମ୍ ସମାପ୍ତ କରିଥିବାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ । ଶ୍ରୀଲଙ୍କା ସେନାର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ବି.କେ.ଜି.ଏମ୍. ଲାସନ୍‌ଥା ରୋଡ୍ରିଗୋ ଏହି ପରେଡ୍‌ର ସମୀକ୍ଷା କରିଥିଲେ । ସମାରୋହରେ ଯୁବ କ୍ୟାଡେଟ୍‌ମାନେ ଶୃଙ୍ଖଳା, ସମର୍ପଣ ଏବଂ ସାମରିକ ଉତ୍କର୍ଷତା ପ୍ରଦର୍ଶନ କରିଥିଲେ । ତାଲିମ୍‌ରେ ସାମଗ୍ରୀକ ଉତ୍କର୍ଷତା ପ୍ରତିପାଦନ କରିଥିବାରୁ ଆନି ନେହେରାଙ୍କୁ ମର୍ଯ୍ୟାଦାଜନକ ଷୋଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା ।

# ନିଟ୍

ମେଡିକାଲ୍ ପ୍ରବେଶିକା ପରୀକ୍ଷା ନିଟ୍ (ୟୁଜି) ୨୦୨୫ ପରୀକ୍ଷା ଫଳାଫଳ ଘୋଷିତ ହୋଇଛି । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଫଳ ଏହାର ୱେବ୍‌ସାଇଟ୍ **ntaneet.nic.in**ରେ ଉପଲବ୍ଧ ହୋଇଛି । ଛାତ୍ରଛାତ୍ରୀ ସେମାନଙ୍କର

ସ୍କୋର୍‌କାର୍ଡ ଏହି ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ ବୋଲି ଏନ୍.ଟି.ଏ. କହିଛି । ଦେଶର ୫୫୨ଟି ସହର ଏବଂ ବିଦେଶର ୧୪ଟି ସହରରେ ଗତ ମାସ ୪ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ରାଜସ୍ଥାନର ମହେଶ କୁମାର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମଧ୍ୟପ୍ରଦେଶର ଉତ୍କର୍ଷ ଆୱାଧିଆ ଏବଂ ମହାରାଷ୍ଟ୍ରର କୁଶାଗ୍ର ଯୋଶୀ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି ।

## ଇରାନ୍-ଇସ୍ରାଏଲ୍ ୱାର୍

ଇସ୍ରାଏଲ୍ ଏବଂ ଇରାନ୍ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛନ୍ତି । ତେଲ୍ ଆଭିବ୍, ଜେରୁଜେଲମ୍ ଏବଂ ତେହେରାନ୍‌ରେ ବିସ୍ଫୋରଣ ହୋଇଛି । ଇରାନ୍ ଉପରେ ଇସ୍ରାଏଲ୍ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଇରାନ୍ ପକ୍ଷରୁ ଇସ୍ରାଏଲ୍‌ର ବିଭିନ୍ନ ଅଞ୍ଚଳକୁ ଲକ୍ଷ କରି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା । ଏଥିରେ ଅତି କମ୍‌ରେ ତିନି ଜଣ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି । ଇରାନ୍‌ର ସରକାରୀ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍‌ର ଆକ୍ରମଣରେ ଇରାନୀ ସଶସ୍ତ୍ର ବାହିନୀର ଜେନେରାଲ୍ ଷ୍ଟାଫ୍‌ର ଦୁଇ ଜଣ ଡେପୁଟି କମାଣ୍ଡର ପ୍ରାଣ ହରାଇଛନ୍ତି ।

ସୂଚନା ଯୋଗ୍ୟ ଇରାନ୍ ଉପରେ ଗତକାଲି ଠାରୁ ଇସ୍ରାଏଲ୍ କରିଥିବା ଆକ୍ରମଣରେ ସାମରିକ ଅଧିକାରୀଙ୍କ ସମେତ ଅତି କମ୍‌ରେ ୭୮ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଇରାନ୍ ଦେଶ ବ୍ୟାପି ସମସ୍ତ ବିମାନ ଉଡ଼ାଣକୁ ସ୍ଥଗିତ ରଖିଛି । ଇସ୍ରାଏଲ୍‌ର ବେନ୍ ଗୁରିୟନ୍ ଆନ୍ତର୍ଜାତିକ ବିମାନ ବନ୍ଦର ମଧ୍ୟ ବନ୍ଦ ରହିଥିବା ଜଣାପଡ଼ିଛି । ଆମେରିକା, ବ୍ରିଟେନ୍ ଏବଂ ଫ୍ରାନ୍ସକୁ  ଇସ୍ରାଏଲ୍‌କୁ ସମର୍ଥନ ନ କରିବାକୁ ତେହେରାନ୍ ଚେତାବନୀ ଦେଇଛି । ଇରାନ୍‌ର ସରକାରୀ ଗଣମାଧ୍ୟମ କହିଛି, ଏହି ଚେତାବନୀର ଉଲ୍ଲଙ୍ଘନ ହେଲେ ତେନେହରାନ୍ ସେହି ରାଷ୍ଟ୍ରଗୁଡ଼ିକର ସାମରିକ ଘାଟି ଏବଂ ବନ୍ଦର ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରିବ । ୱାଂଶିଟନ୍ ଏବଂ ତେହେରାନ୍ ମଧ୍ୟରେ ହେବାକୁ ଥିବା ପରମାଣୁ ଆଲୋଚନାରୁ ଇରାନ୍ ଓହରିଯାଇଛି ।

## ବ୍ରିକ୍ସ-ବ୍ରାଜିଲ୍

ଭିଏତ୍‌ନାମ ଆନୁଷ୍ଠାନିକ ଭାବେ ବ୍ରିକ୍ସର ଅଂଶିଦାର ସଦସ୍ୟ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଛି ବୋଲି ବ୍ରାଜିଲ୍‌ର ବୈଦେଶିକ ମନ୍ତ୍ରଣାଳୟ ଘୋଷଣା କରିଛି । ଏକ ବିବୃତ୍ତିରେ ମନ୍ତ୍ରଣାଳୟ କହିଛି, ବିଶ୍ୱ ଅର୍ଥନୈତିକ କ୍ଷେତ୍ରରେ ଭିଏତ୍‌ନାମ ଏସିଆର ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର । ବ୍ରିକ୍ସ ଅଂଶିଦାର ସଦସ୍ୟ ଗୋଷ୍ଠୀରେ ଭିଏତ୍‌ନାମ ଦଶମ ରାଷ୍ଟ୍ର ଭାବେ ସାମିଲ ହୋଇଛି

ବୋଲି ରୁଷିଆର ସମ୍ବାଦ ସରବରାହ ସଂସ୍ଥା ସ୍ପୁଟ୍‌ନିକ୍ ଏକ ରିପୋର୍ଟ୍‌ରେ ସୂଚନା ଦେଇଛି । ବ୍ରିକ୍ସର ଅନ୍ୟ ଅଂଶିଦାର ସଦସ୍ୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ବେଲାରୁଷ, ବୋଲିଭିଆ, କାଜାକାସ୍ତାନ, କ୍ୟୁବା, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା ଏବଂ ଉଜ୍‌ବେକିସ୍ତାନ ରହିଛନ୍ତି ।

## ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନ୍‌ସିପ୍

ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍ ୨୦୨୫ ଟାଇଟଲ୍ ହାସଲ କରିଛି । ଆଇ.ସି.ସି. ଟେଷ୍ଟ ଚାମ୍ପିୟନ୍‌ସିପ୍‌ର ୨୭ ବର୍ଷର ଇତିହାସରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଏହି ସଫଳତା ପାଇଛି । ଇଂଲଣ୍ଡର ଲର୍ଡସ୍ ଠାରେ ଚାଲିଥିବା ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଅଷ୍ଟ୍ରେଲିଆ ଦ୍ୱାରା ଧାର୍ଯ୍ୟ ୨୮୨ରନ୍‌ର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୫ଟି ୱିକେଟ୍ ବିନିମୟରେ ହାସଲ କରିପାରିଛି । ୪ ଦିନରେ ଏହି ଖେଳ ସମାପ୍ତ ହୋଇଛି । ଦକ୍ଷିଣ ଆଫ୍ରିକା ଦଳ ପକ୍ଷରୁ ଏଡେନ୍ ମାର୍‌କ୍ରମ୍ ଶତକ ହାସଲ କରିବା ସହ ଅଧିନାୟକ ତେମ୍ବା ବେଭୁମା ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ । ଚୂଡ଼ାନ୍ତ ସ୍କୋର ଅଷ୍ଟ୍ରେଲିଆ ପ୍ରଥମ ଇଂନିସ ୨୧୨ରନ୍ ଏବଂ ଦ୍ୱିତୀୟ ଇଂନିସ ୨୦୭ରନ୍, ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୧୩୮ରନ୍ ଏବଂ ଦ୍ୱିତୀୟ ଇନିଂସ ୨୮୨ରନ୍ । ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ବୋଲର

କାଗିସୋ ରାବାଡା ମୋଟ୍ ୯ ଓ୍ୱିକେଟ୍ ହାସଲ କରିଥିଲେ ମଧ୍ୟ ଦଳ ପକ୍ଷରୁ ବିଜୟ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମାର୍କ୍‌ରମ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି

ଏଫ୍.ଆଇ.ଏଚ୍. ପୁରୁଷ ପ୍ରୋ ହକି ଲିଗ୍ ପ୍ରତିଯୋଗିତାରେ ଭାରତ’ ଅଷ୍ଟ୍ରେଲିଆ ଠାରୁ ୨-୩ ଗୋଲ୍‌ରେ ପରାସ୍ତ ହୋଇଛି । ବେଲ୍‌ଜିୟମ୍‌ର ଆଣ୍ଟୱେର୍ପ୍ ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ୨-୦ ଗୋଲ୍‌ରେ ଆଗୁଆ ରହିଥିଲା । ତେବେ ପରବର୍ତ୍ତୀ ସମୟରେ ଅଷ୍ଟ୍ରେଲିଆ ଦଳ ସଂଘର୍ଷପୂର୍ଣ୍ଣ ଭାବରେ ଖେଳି  ଭାରତ ବିରୋଧରେ ତିନୋଟି ଗୋଲ୍‌ସ୍କୋର କରିଥିଲା । ପ୍ରତିଯୋଗିତାର ଚଳିତ ପର୍ଯ୍ୟାୟରେ ଭାରତର ଏହା ହେଉଛି ପଞ୍ଚମ କ୍ରମାଗତ ପରାଜୟ । ଚଳିତ ସପ୍ତାହ ଆରମ୍ଭରେ ଭାରତ ନେଦରଲାଣ୍ଡ ଠାରୁ ଦୁଇଥର ପରାଜିତ ହୋଇଥିବା ବେଳେ ଆର୍ଜେଣ୍ଟିନା ଠାରୁ ମଧ୍ୟ ଦୁଇଥର ପରାସ୍ତ ହୋଇସାରିଛି ।

# ଜୟଶଙ୍କର-ଫ୍ରାନ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ମାର୍ସେଲି ଠାରେ ତାଙ୍କର ଫ୍ରାନ୍ସ ପ୍ରତିପକ୍ଷ ଜିନ୍ ନୋଏଲ୍ ପ୍ୟାରଟ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିବା ସହିତ ଭାରତ ନିଜକୁ ରକ୍ଷା କରିବା ଦିଗରେ ନେଇଥିବା ପଦକ୍ଷେପକୁ ଫ୍ରାନ୍ସ ସମର୍ଥନ କରିଥିବାରୁ ଡକ୍ଟର ଜୟଶଙ୍କର ଏହାକୁ ପ୍ରଶଂସା କରିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ସ୍ୱଚ୍ଛ ଶକ୍ତି, ସଂସ୍କୃତି ଏବଂ ଜନସମ୍ପର୍କ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇ ମନ୍ତ୍ରୀ ଆଲୋଚନା କରିଛନ୍ତି ବୋଲି ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।